## ଜଳ ପରିଚାଳନା:

ରସୁଣର ଶାଖା ବୃଦ୍ଧି ସମୟରେ ୭-୮ ଦିନ ବ୍ୟବଧାନରେ ଏବଂ ପରିପକ୍ୱ ଅବସ୍ଥାରେ ୧୦ ରୁ ୧୫ ଦିନ ବ୍ୟବଧାନରେ ଜଳସେଚନ ଆବଶ୍ୟକ। ସର୍ବମୋଟ ୧୦-୧୨ ଟି ଜଳସେଚନ ଆବଶ୍ୟକ।

## ଅନାବନା ଘାସ ନିୟନ୍ତ୍ରଣ:

ରସୁଣ ଚାଷ ପାଇଁ କମିଟି ଘାସମୁକ୍ତ ହେବା ନିହାତି ଦରକାର। ଲମ୍ବା ଅବଧିର ଫସଲ ହୋଇଥିବାରୁ ରସୁଣ ଚାଷରେ ୨ଥର ଘାସ ବାଛିବା ଦରକାର। ପ୍ରଥମ ଥର କୋଲା ଲଗାଇବାର ୧ ମାସ ପରେ ଏବଂ ଦ୍ୱିତୀୟ ଥର କୋଲା ଲଗାଇବାର ୨ ମାସ ପରେ। ରାସାୟନିକ ତୃଣନାଶକ ପେଣ୍ଡିମିଥାଲିନ୍ ହେକ୍ଟର ପ୍ରତି ୩.୫ ଲିଟର ହିସାବରେ କୋଲା ଲଗାଇବା ପରେ ପ୍ରୟୋଗ କରିବା ସହିତ ୪୫ ଦିନ ପରେ ଘାସ ବାଛି ନେବା ଦରକାର।

## ରୋଗ ପୋକ ଏବଂ ତା'ର ପ୍ରତିକାର:

ଉକୁଣିଆ ପୋକ (Thrips) ଏହି ପୋକ ରସୁଣ ପତ୍ରରୁ ରସ ଶୋଷି ନେବା ଦ୍ୱାରା ପତ୍ର ହଳଦିଆ ହୋଇଯାଏ। ସାଧାରଣତଃ ଫେବୃୟାରୀ ପରେ ଏହାର ପ୍ରାଦୁର୍ଭାବ ଅଧିକ ଦେଖାଯାଏ। ଏହାର ନିରାକରଣ ପାଇଁ ଡାଇମେଥୋଏଟ୍ ୨ ମି.ଲି./ଲିଟର ପାଣି ହିସାବରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ।

ବାଦାମୀ ବ୍ଲଚ୍ (Purple Blotch) ଓ ପତ୍ର ପୋଡା (Stemphylium blight) ରସୁଣ ଫସଲର ଦୁଇଟି ମୁଖ୍ୟ ରୋଗ। ଏହି ରୋଗ ହେଲେ ଗଛର ପତ୍ର ଅଗଆଡୁ ପୋଡିଗଲା ପରି ଦେଖାଯାଏ। ଉକୁଣିଆ ପୋକ ଲାଗିଲେ ଏହା ବେଶୀ ଦେଖାଯାଏ। ଏହି ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ଏମ୍-୪୫ ମିଶାଇ ୧୫ ଦିନ ଅନ୍ତରରେ ୩-୫ ଥର ସିଞ୍ଚନ କରନ୍ତୁ।

## ଅମଳ:

କିସମ ଅନୁଯାୟୀ ରସୁଣ ଗଛ ଲଗାଇବାର ୧୨୦ ରୁ ୧୭୦ ଦିନ ମଧ୍ୟରେ ଅମଳ କରାଯାଇଥାଏ। ଅଗ ପତ୍ରଗୁଡିକ ଶୁଖି ତଳକୁ ନଇଗଲା ପରେ ବୁଦାଗୁଡିକୁ ଅମଳ କରାଯାଏ। ଅମଳ କରିବା ପରେ ପାଖାପାଖି ୧ ସପ୍ତାହ ପର୍ଯ୍ୟନ୍ତ ରସୁଣ ଶୁଖିବାକୁ ଦିଆଯାଏ। ରସୁଣ ସବୁ ସମୟରେ ବାୟୁ ଚଳାଚଳ କରୁଥିବା ଛାଇ ଯାଗାରେ ଖେଳେଇ ସାଇତି ରଖିବା ଆବଶ୍ୟକ। ହେକ୍ଟର ପ୍ରତି କିସମ ଅନୁଯାୟୀ ପ୍ରାୟ ୧୦୦-୨୦୦ କ୍ୱିଣ୍ଟାଲ ରସୁଣ ଅମଳ କରାଯାଇଥାଏ।



2025030492

# ବୈଜ୍ଞାନିକ ପ୍ରଣାଳୀରେ ରସୁଣ ଚାଷ



ସଂପାଦନା
ଡଃ. ଜୟନ୍ତ କୁମାର ପତି
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

ବିଷୟବସ୍ତୁ
ଶ୍ରୀ ସଞ୍ଜୟ କୁମାର ପ୍ରଧାନ, ସମରେନ୍ଦ୍ର ବରାଳ, ଶ୍ରୀମତୀ ଅନୁଭା କୁଜୁର୍
କମ୍ପ୍ୟୁଟର ସହାୟତା: ଶ୍ରୀ ସୋମଦତ୍ତ ମହାନ୍ତି

କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା, ସୁନ୍ଦରଗଡ଼-୨
ହକିଛକ, ପାନପୋଷ, ରାଉରକେଲା- ୭୬୯୦୦୪, ଫୋନ: ୦୬୬୧-୨୯୧୦୨୩୪

E-mail: r kvksundargarh2.ouat@gmail.com, www.kvksundargarh2.org
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବୈଜ୍ଞାନିକ ପ୍ରଣାଳୀରେ ରସୁଣ ଚାଷ

ଆମ ରାଜ୍ୟରେ ଚାଷ କରାଯାଉଥିବା ମସଲାଜାତୀୟ ଫସଲ ମଧ୍ୟରେ ରସୁଣ ଏକ ମୁଖ୍ୟ ଫସଲ । ଆମିଷ ବ୍ୟଞ୍ଜନକୁ ସ୍ୱାଦିଷ୍ଟ କରିବା ପାଇଁ ପିଆଜ ଓ ରସୁଣର ବ୍ୟବହାର ବିଶେଷ ଗୁରୁତ୍ୱପୂର୍ଣ୍ଣ । ରସୁଣରେ ଥିବା 'ଆଲିସିନ୍' ନାମକ ଏକ ରାସାୟନିକ ପଦାର୍ଥ ବ୍ୟଞ୍ଜନକୁ ସ୍ୱାଦିଷ୍ଟ କରିବାରେ ବିଶେଷରୂପେ ସହାୟକ ହୋଇଥାଏ । ଏହା ବ୍ୟତୀତ ଆଲିସିନ୍ ଆମ ଶରୀରରେ ଥିବା ରକ୍ତ କଣିକାରେ ଚର୍ବିଜାତୀୟ ପଦାର୍ଥକୁ କମ୍ କରିଥାଏ ଏବଂ କର୍କଟ ଭଳି ମାରାତ୍ମକ ରୋଗର ପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ । ପ୍ରତି ୧୦୦ ଗ୍ରାମ୍ ରସୁଣରେ ୨୯ ଗ୍ରାମ୍ ଶ୍ୱେତସାର, ୬.୩ ଗ୍ରାମ୍ ପୁଷ୍ଟିସାର ଏବଂ ୩୦ ମି.ଲି.ଗ୍ରାମ୍ ଚୂନ (Calcium) ଥାଏ । ଏଥିରେ ଭିଟାମିନ୍-ସି ମଧ୍ୟ ମାତ୍ରାଧିକ ପରିମାରଣରେ ଥାଏ ।

## ଜଳବାୟୁ ଓ ମୃତ୍ତିକା

ରସୁଣ ଏକ ଶୀତଦିନିଆ ଫସଲ । ପ୍ରାରମ୍ଭିକ ଅବସ୍ଥାରେ ଏହାର ଶାଖା ବୃଦ୍ଧି ପାଇଁ ଏକ ଲମ୍ବା ଶୀତଋତୁ ଆବଶ୍ୟକ ଏବଂ ପରିପକ୍ୱ ସମୟରେ ଏହା ଶୁଷ୍କ ଋତୁ ଆବଶ୍ୟକ କରିଥାଏ । ରସୁଣର ଶାଖା ବୃଦ୍ଧି ପାଇଁ ୧୦-୧୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ଆବଶ୍ୟକ ହୋଇଥିବା ବେଳେ ଏହାର ଆକାର ବୃଦ୍ଧି ପାଇଁ ୨୫-୩୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ଆବଶ୍ୟକ ପଡ଼ିଥାଏ ।

ରସୁଣ ଚାଷ ପାଇଁ ସାଧାରଣତଃ ବାଲିଆ ଦୋରସା ଖତୁଆ ମାଟି ଉପଯୁକ୍ତ । ସନ୍ତସନ୍ତିଆ ମାଟିରେ ରସୁଣ ରଙ୍ଗ ବିକୃତ ହୁଏ । ମାତ୍ରାଧିକ ଅମ୍ଳୀୟ କିମ୍ବା କ୍ଷାରୀୟ ମାଟି ରସୁଣ ଚାଷ ପାଇଁ କ୍ଷତିକାରକ ।

## କିସମ:

ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଓ ବିକାଶ ପ୍ରତିଷ୍ଠାନ ନାସିକ୍ ମହାରାଷ୍ଟ୍ରରୁ ବିକଶିତ ।

| | | | |
|---|---|---|---|
| ଏଗ୍ରିଫାଉଣ୍ଡ ହ୍ୱାଇଟ୍ | ଏଗ୍ରିପାଉଣ୍ଡ ପାର୍ବତୀ | ଏଗ୍ରିଫାଉଣ୍ଡ ପାର୍ବତୀ-୨ | ଯମୁନା ସଫେଦ୍-୧ |
| ଯମୁନା ସଫେଦ୍-୨ | ଯମୁନା ସଫେଦ୍-୩ | ଯମୁଦା ସଫେଦ୍-୪ | ଯମୁନା ସଫେଦ୍-୫ |
| ଯମୁନା ସଫେଦ୍-୬ | ଯମୁନା ସଫେଦ୍-୭ | ଯମୁନା ସଫେଦ୍-୮ | ଯମୁନା ସଫେଦ୍-୯ |

ଭାରତୀୟ ପିଆଜ ଓ ରସୁଣ ଗବେଷା ନିର୍ଦ୍ଦେଶାଳୟରୁ ବିକଶିତ କିସମ: ଭୀମା ପର୍ପଲ ଓ ଭୀମା ଓମ୍କାର । ରସୁଣର ଅନ୍ୟ କିସମଗୁଡିକ ହେଲା ଗୋଦାବରୀ, ଶ୍ୱେତା, ଫୁଲେ ନିଳୀମା, ଏଚ୍.ଜି.-୧, ଏଚ୍.ଜି.-୨, ଜି.ସି.-୩, ଏଲ୍.ସି.-୧, ଭି.ଏଲ୍.-୬, ଭିଏଲ୍-୭ ।





## ରସୁଣ ଚାଷ ପାଇଁ ଉପଯୁକ୍ତ ସମୟ:

ରସୁଣ ଚାଷ ସାଧାରଣତଃ ଅଲଗା ଅଲଗା ଯାଗାରେ ଅଲଗା ଅଲଗା ସମୟରେ କରାଯାଇଥାଏ । ଆମ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ ଓ ଗୁଜୁରାଟ ପରି ରାଜ୍ୟମାନଙ୍କରେ ରସୁଣ ସାଧାରଣତଃ ଅକ୍ଟୋବର - ନଭେମ୍ବର ମାସରେ କରାଯାଇଥାଏ ।

**ବିହନ ପରିମାଣ:**

ରସୁଣ କୋଳା ହିଁ ସାଧାରଣତଃ ବିହନଭାବେ ବ୍ୟବହାର କରାଯାଇଥାଏ । ଗୋଟିଏ ହେକ୍ଟର ଚାଷ ପାଇଁ ୫-୬ କ୍ୱିଣ୍ଟାଲ ବିହନ ଆବଶ୍ୟକ ହୋଇଥାଏ । ବିହନ ପାଇଁ ବ୍ୟବହାର ହେଉଥିବା କୋଳାର ଗୋଲେଇ ୮-୧୦ ମିଲିମିଟର ହେବା ଆବଶ୍ୟକ ।


## ଲଗାଇବା ଦୂରତା:

ରସୁଣ କୋଳା ବଡ଼ ହୋଇଥିଲେ ଧାଡ଼ିକୁ ଧାଡ଼ି ୧୫ ସେମି ଓ ଗଛକୁ ଗଛ ୧୦ ସେମି ହେବା ଦରକାର । ଯଦି ରସୁଣ କୋଳା ଛୋଟ ହୋଇଥିବ ତେବେ ଧାଡ଼ିକୁ ଧାଡ଼ି ୧୫ ସେମି ଓ ଗଛକୁ ଗଛ ୮ ସେମି ହେବା ଆବଶ୍ୟକ ।

## ଜମି ପ୍ରସ୍ତୁତି:

ରସୁଣ ଚାଷ ପାଇଁ ସାଧାରଣତଃ ୪-୫ ଥର ଗୁଣ୍ଡ ଚାଷ କରନ୍ତୁ । ମାଟିର ପୂର୍ବ ଫସଲର ଅନାବଶ୍ୟକ ଅବଶିଷ୍ଟାଂଶଗୁଡିକ ଭଲଭାବେ ବିଛିଦେବା ଉଚିତ୍





## ଖାତସାର ପରିଚାଳନା:

ରସୁଣ ଲଗାଇବା ପୂର୍ବରୁ ଜମିରେ ୧୫ ରୁ ୨୦ଟନ ଶୁଖିଲା ଗୋବର ଖତ ପ୍ରୟୋଗ କରିବା ଦରକାର । ହେକ୍ଟର ପ୍ରତି ଯଥାକ୍ରମେ ୧୦୦:୫୦:୫୦:୩୦ ଯବକ୍ଷାରଜାନ, ଫସ୍ଫରସ୍ ଓ ଗନ୍ଧକ ପ୍ରୟୋଗ କରିବା ଦରକାର । ମୂଳ ସାର ହିସାବରେ ୫୦% ଯବକ୍ଷାରଜାନ ସହିତ ଅନ୍ୟ ସାରଗୁଡିକ ଦେଇ ବାକି ୫୦% ଯବକ୍ଷାରଜାନ ରସୁଣ ଲଗାଇବାର ଏକ ମାସ ପରେ ପ୍ରୟୋଗ କରିବା ଉଚିତ୍ । ମାତ୍ରାଧିକ ଯବକ୍ଷାରଜାନ ରସୁଣର ମୋଟା ବେକ ଓ ଅମଳ ପୂର୍ବରୁ ଗଜା ହେବାପରି ସମସ୍ୟା ସୃଷ୍ଟି କରେ ।